DOI : https://doi.org/10.5281/zenodo.15253301 ମୂଳ ପ୍ରବନ୍ଧ

# ସାହିତ୍ୟିକ ଅନୁଷ୍ଠାନ ପରିପ୍ରେକ୍ଷରେ ଦେବଗଡ ଜିଲ୍ଲା

**ସ୍ନେହଲତା ସାହୁ**

**ସଂକ୍ଷିପ୍ତ ସାର :**

ଓଡ଼ିଆ ଭାଷା ସାହିତ୍ୟର ପ୍ରଗତି ନିମନ୍ତେ ଅନୁଷ୍ଠାନର ଭୂମିକା ଅନସ୍ୱୀକାର୍ଯ୍ୟ।ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗଢି ଉଠିଥିବା ବାମଣ୍ଡା ଦରବାର ହେଉଛି ଅଧୁନା ଗଢି ଉଠିଥିବା ଦେବଗଡ଼ ଜିଲ୍ଲାର ଅନୁଷ୍ଠାନ ମାନଙ୍କର ପୂର୍ବ ଭିତ୍ତି।ଯାହାର ଅତୀତ ସଦୃଢ ତାର ବର୍ତ୍ତମାନ ଦୃଢ଼। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେବଗଡ଼ରେ ଗଢ଼ିଉଠିଥିବା ଅନୁଷ୍ଠାନ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ଆଂଚଳିକ ସ୍ତରରେ କାର୍ଯ୍ୟ କରୁଅଛନ୍ତି। ସୁଢ଼ଳ ଦେବଙ୍କ ସମୟରେ ଯେଉଁ ଦରବାର ଅନୁଷ୍ଠିତ ହେଉଥିଲା ତାହା ଆଜିର ଅନୁଷ୍ଠାନର ପୂର୍ବ ପ୍ରତିବିମ୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ।ଏହି ଅନୁଷ୍ଠାନ ହୁଏତ ଓଡ଼ିଶାର ଶତାୟୁ ଅନୁଷ୍ଠାନ ହୋଇନପାରେ ମାତ୍ର ; ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ସେହି ଅନୁଷ୍ଠାନରେ ଅବଦାନ ଅତୁଳନୀୟ।ଯାହା ଆଲୋଚ୍ୟ ପ୍ରବନ୍ଧର ବିଷୟବସ୍ତୁ ।

**ପ୍ରମୁଖ ଶବ୍ଦାବଳୀ:**

ବାମଣ୍ଡା ରାଜଦରବାର, ବାସୁଦେବ ସୁଢ଼ଳ ଦେବ,ସାହିତ୍ୟିକ ଅନୁଷ୍ଠାନ,ପତ୍ରିକା,ଅନୁଷ୍ଠାନର ଲକ୍ଷ୍ୟ,ଉଦ୍ଦେଶ୍ୟ,ପଞ୍ଜୀକରଣ ସଂଖ୍ୟା,ସମ୍ମାନ ପୁରସ୍କାର , ଇତ୍ୟାଦି।

## ବାମଣ୍ଡାର ଅବସ୍ଥିତି ଓ ତାର ପ୍ରାଚୀନତା:

ଓଡିଶା ପ୍ରଦେଶର ଗଡ଼ଜାତ ମଧ୍ୟରୁ ବାମଣ୍ଡା ଅନ୍ୟତମ।ଏହାର ନାମକରଣ ନେଇ ଭିନ୍ନ ମତପ୍ରଦାନ କରାଯାଏ। ବାମଣ୍ଡାରେ ଜନଶ୍ରୁତି ଅଛି ଯେ ପୂର୍ବକାଳରେ ଏହି ରାଜ୍ୟକୁ ଆଦିବାସୀ ଦମ୍ପତି ରାଜତ୍ୱ କରୁଥିଲେ।ସେମାନଙ୍କ ନାଁ ଥିଲା ବାମ ଓ ମଣ୍ଡା।ସେହି ଅନୁସାରେ ନାମକରଣ ବାମଣ୍ଡା ପୁନର୍ବାର ବଳରାମ ଦାସଙ୍କ ସ୍ୱରଚିତ ଜଗମୋହନ ରାମାୟଣରେ ଉଲ୍ଲେଖ ଅଛି ରାମଚନ୍ଦ୍ରଙ୍କ ବାନରସେନା ଯାଉ ଯାଉ ଯେଉଁ ଘନଅରଣ୍ୟରେ ବାଟବଣା ହେଲେ ସେହି ଅଂଚଳର ନାମ ବଣାଇ,ପୁଣି ବାମ ବାଟରେ ଯାଇ ବାଟ ନ ପାଇ ଯେଉଁ ଅଂଚଳରେ ପ୍ରବେଶ କଲେ ତାର ନାମ ବାମଣ୍ଡା।ଦେବଗଡ ଜିଲ୍ଲା ଓଡ଼ିଶାର ଉତ୍ତର - ପଶ୍ଚିମ ଅଂଚଳରେ ଥିବା ଏକ ପ୍ରଶାସନିକ ଜିଲ୍ଲା।୧୯୯୪ ମସିହା ଜାନୁଆରୀ ୧ ତାରିଖରେ ଏହା ସମ୍ବଲପୁର ଜିଲ୍ଲାରୁ ଅଲଗା ହୋଇ ସ୍ୱତନ୍ତ୍ର ପରିଚୟ ପାଇଥିଲା। ଦେବଗଡର ଆକ୍ଷରିକ ଇଂରେଜ ଅନୁବାଦ ହେଉଛି 'ଇଭକ୍ଷୟର କ୍ଷୁଲ ଉସଙ୍ଗସଭସଖ୍ଛ'ସ୍ୱ ବା ଦେବତ୍ୱର ବାସଗୃହ।ପୂର୍ବତନ ବାମଣ୍ଡାର ରାଜଧାନୀ ତଥା ଜଳପ୍ରପାତ ସହର ଭାବେ ଖୁବ ପରିଚିତ।ଚିତ୍ତାକର୍ଷକ ପ୍ରଧାନପାଟ ଜଳପ୍ରପାତ ଦ୍ୱାରା ଆବୃତ ହୋଇଥିବାରୁ ଆକର୍ଷଣୀୟ ଦୃଷ୍ଟିଗୋଚର ହୁଏ।

## ବାମଣ୍ଡାର ଭୌଗଳିକ, ସାମାଜିକ ଓ ସାଂସ୍କୃତିକ ପରିବେଶ :

ଦେବଗଡ ଜିଲ୍ଲାର ବାମଣ୍ଡା ପ୍ରସଙ୍ଗ ଆଲୋଚନା ସମୟରେ ମାନସ ପଟକୁ ପ୍ରଥମେ ସାର୍ ବାସୁଦେବ ସୁଢ଼ଳଦେବଙ୍କ ପ୍ରତିଛବି

**ଯୋଗାଯୋଗ :**
**ସ୍ନେହଲତା ସାହୁ,** ଗବେଷିକା
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
**Email:** ssnehalata450@gmail.com
**ORCID ID:** https://orcid.org/0009-0009-7094-4940

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସ୍ନେହଲତା; ୨୦୨୫। ସାହିତ୍ୟିକ ଅନୁଷ୍ଠାନ ପରିପ୍ରେକ୍ଷରେ ଦେବଗଡ ଜିଲ୍ଲା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ; ପୃଷ୍ଠା :୨୫-୩୨।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.15253301
Article No - BPP00284

ଆସିଯାଇଥାଏ ।ସେ ହେଉଛନ୍ତି ସପ୍ତବିଂଶତି ରାଜା ତାଙ୍କ ରାଜତ୍ୱ ସମୟରେ ବାମଣ୍ଡା ଦରବାର ରେ ଓଡ଼ିଆ ଭାଷା ସାହିତ୍ୟର ବହୁ ଅଗ୍ରଗତି ହୋଇଥିଲା ।କେବଳ ସେ ନୁହେଁ ବ୍ରଜସୁନ୍ଦର ଦେବ,ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ପ୍ରଭୃତି ବାମଣ୍ଡାର ଶାସକଙ୍କ ସମୟରେ ଓଡ଼ିଆ ଭାଷା ସାହିତ୍ୟର ବହୁ ଅଗ୍ରଗତି କରିଥିଲା। ବାମଣ୍ଡା ଦରବାର କେବଳ ଆଧୁନିକ ସାହିତ୍ୟକୁ ପ୍ରୋତ୍ସାହିତ କରୁଥିଲା ତାହା ନୁହେଁ;ଏହା ମଧ୍ୟ ପ୍ରାଚୀନ ସାହିତ୍ୟକୁ ସମୁଚିତ ଭାବେ ଅଗ୍ରଗତି ନିମନ୍ତେ ପ୍ରେରଣା ଯୋଗାଇଥିଲା। ଊନବିଂଶ ଶତାବ୍ଦୀର ଶେଷ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ଦଶକ ଥିଲା ଓଡ଼ିଆ ଭାଷାର ସନ୍ଧିଗଣ ମୁହୂର୍ତ୍ତ ।ବିଶିଷ୍ଟ ସାହିତ୍ୟ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ ତାଙ୍କ ଗବେଷଣା ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଇତିହାସରେ କହିଛନ୍ତି ଯେ ନୂତନ ଯୁବଶକ୍ତିର ଅଭ୍ୟୁଦୟ ନିମନ୍ତେ ଚାରିଗୋଟି କାରଣ ଦର୍ଶାଇଛନ୍ତି ।ସେଗୁଡ଼ିକ ହେଲା - (କ) ମୁଦ୍ରାଯନ୍ତ୍ର ପ୍ରତିଷ୍ଠା (ଖ)ପତ୍ରିକା ପରିଚାଳନା (ଗ)ଜାତୀୟ ଦାବୀ ଉପସ୍ଥାପନା (ଘ)ସାଂସ୍କୃତିକ ଅନଷ୍ଠାନ ।ଚତୁର୍ଥ କାରଣ ଯାହା ଦର୍ଶାଇଛନ୍ତି ତାହାହିଁ ନବଜାଗରଣର ବିରାଟ ପ୍ରତିଶ୍ରୁତି ।୧୮୬୬ ମସିହାରେ ଭାଷାବିଲୋପ ଆନ୍ଦୋଳନ ସମୟରେ ଯେଉଁ ସ୍ୱର ଓଡ଼ିଆ ମାନଙ୍କୁ ଉଦବେଳିତ କରିଥିଲା ତାହା ହେଉଛି ' ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ଏହା ବଙ୍ଗଳା ଭାଷାର ଏକ ଉପଭାଷା ' ।ଏହିପରି ଏକ ବିଷାକ୍ତକର ମତ ପ୍ରଦାନ କରି ଓଡ଼ିଆ ଭାଷା ସାହିତ୍ୟର ବାୟୁମଣ୍ଡଳରେ ଏକ ବିଷାକ୍ତକର ପରିବେଶ ସୃଷ୍ଟି କରିଦେଇଥିଲେ ।୧୮୫୭ ପର୍ଯ୍ୟନ୍ତ ଭାଷା ଆନ୍ଦୋଳନ ଥିଲା ଏକମୁଖୀ। 'ଓଡ଼ିଆ ଭାଷା ଉଠାଇ ଦିଆ ନହେଲେ ଏହି ଜାତିର ବହୁ କ୍ଷତି ଘଟିବ' ଏହିପରି ଭାବଧାରା ଉପରେ ଆନ୍ଦୋଳନ ପ୍ରତିଷ୍ଠିତ ଥିଲା ।ଭାଷାବିଲୋପ ଆନ୍ଦୋଳନ ତୀବ୍ରତର ରୂପ ଧାରଣା କରିଥିବା ବେଳେ ଓଡ଼ିଶା ଉପକୂଳ ଅଞ୍ଚଳ ଥିଲା ବଙ୍ଗଳାରେ, ଦକ୍ଷିଣାଞ୍ଚଳ ଥିଲା ମାନ୍ଦ୍ରଜ ପ୍ରେସିଡେନ୍ସିରେ ଏବଂ ପଶ୍ଚିମାଞ୍ଚଳ ଥିଲା ମଧ୍ୟପ୍ରଦେଶରେ ।ମଧ୍ୟପ୍ରଦେଶର ଶାସନ ମୁଖ୍ୟ ଜନ୍ ଉଡବର୍ଣ୍ଣ ଏହାକୁ ସମ୍ବଲପୁର ,ବାମଣ୍ଡା,ରେଢ଼ାଖୋଲ,ସୋନପୁର, ବଲାଙ୍ଗୀର, କଳାହାଣ୍ଡି,ଆଦି ସ୍ଥାନର କୋର୍ଟ କଚେରୀରେ ଓଡ଼ିଆ ଭାଷା ସ୍ଥାନରେ ଇଂରେଜ ଭାଷା ପ୍ରଚଳନ ନିମନ୍ତେ ୧୮୯୫ରେ ସ୍ଥିର କରିଥିଲେ ।ଠିକ୍ ଏହି ସମୟରେ ବାମଣ୍ଡାରୁ ରାଜା ବାସୁଦେବ ସୁଢ଼ଳଦେବଙ୍କ ପୃଷ୍ଠପୋଷକତାରେ ଏକ ପତ୍ରିକା ମାଧ୍ୟମରେ ବିରୋଧ କରାଯାଇଥିଲା ।ତାହା ହେଉଛି ସମ୍ବଲପୁର ହିତୈଷିଣୀ। ବହୁ ବିରୋଧ ସତ୍ତ୍ୱେ ୧୮୯୬ ଜାନୁଆରୀ ୧ ତାରିଖରେ କୋର୍ଟ କଚେରୀରେ ହିନ୍ଦୀଭାଷା ପ୍ରଚଳନ ହୋଇଥିଲା ।ଏପରି ହେବା ଦ୍ୱାରା ସାଧାରଣ ଜନସାଧାରଣ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ସମସ୍ୟା ସମ୍ପର୍କରେ ଜଣାଇଥିଲେ ।ଶେଷରେ ୧୯୦୨ ଜୁନ୍ ୧୮ ତାରିଖରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହୋଇଥିଲା ।ଏହା କାର୍ଯ୍ୟକାରୀ ହୋଇଥିଲା ୧୯୦୫ ମସିହା ଜୁଲାଇ ୧୯ ତାରିଖରେ । କାର୍ଯ୍ୟକାରୀ ହେବା ପରେ ଛତିଶଗଡ଼ ଶାସନାଧୀନ ଥିବା ସମ୍ବଲପୁର ସହିତ ବାମଣ୍ଡା,ରେଢ଼ାଖୋଲ, ସୋନପୁର,କଳାହାଣ୍ଡି,ବଲାଙ୍ଗିର,ତଥା ଛୋଟନାଗପୁର ଡିଭିଜନର ଗାଙ୍ଗପୁର ଓ ବଣାଇ ଗଡ଼ଜାତ ଓଡ଼ିଶା ଡିଭିଜନରେ ମିଶିଯାଇଥିଲା ।ଏହି ମିଶ୍ରଣ ଦ୍ୱାରା ଓଡ଼ିଶା ବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା

ବିଂଶ ଶତାବ୍ଦୀର ମଧ୍ୟଭାଗରୁ ବାମଣ୍ଡାର କଳା ଓ ସାହିତ୍ୟ ସାମ୍ନାକୁ ଆସିଥିଲା ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧି ସମୟରୁ ରାଜା ବାସୁଦେବ ସୁଢ଼ଳଦେବ ଏବଂ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ସମୟରେ ବାମଣ୍ଡା ଦରବାରମଧ୍ୟକୁ ବହୁ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା ।ବାସୁଦେବ ସୁଢ଼ଳଦେବଙ୍କ ସମୟରେ ବାମଣ୍ଡାକୁ ବୁଧହଂସ କେଳିସର ବୋଲି ଆଖ୍ୟା ଦିଆଯାଇଥିଲା ।ଏହି ଶବ୍ଦର ଅର୍ଥ ହେଉଛି ପଣ୍ଡିତ ରୂପକ ହଂସ ମାନଙ୍କର କେଳି ।ଅର୍ଥାତ ବାମଣ୍ଡା ଦରବାରର ଆହୂତ ସଭାରେ ପଣ୍ଡିତ ରୂପକ ହଂସ ମାନଙ୍କର ସଦାସର୍ବଦା କେଳି ଲାଗି ରହିଥିବାରୁ ଏହାକୁ ଏପରି କୁହାଯାଉଥିଲା । ସୁଢ଼ଳ ଦେବ କେବଳ ବାମଣ୍ଡା ପାଇଁ ନୁହେଁ ସମଗ୍ର ଓଡ଼ିଆ ଜାତି ନିମନ୍ତେ ସ୍ମରଣୀୟ ।ସେ ଦେବଗଡଠାରେ ୧୮୮୬ ମସିହାରେ ଭାଷା ସୁରକ୍ଷା ନିମନ୍ତେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା କରି ତା ମଧ୍ୟରୁ 'ସମ୍ବଲପୁର ହିତୈଷିଣୀ ନାମକ ପତ୍ରିକା ପ୍ରକାଶ କରି ବହୁ ସୁଲେଖକ ମାନଙ୍କୁ ସୃଷ୍ଟି କରିପାରିଥିଲେ ।ଏତଦ୍ ବ୍ୟତୀତ ଓଡ଼ିଶାର ବହୁ କୋଣ ଅନୁକୋଣରୁ ପଣ୍ଡିତ ମାନଙ୍କୁ ଡକାଇ ତର୍କ ସଭାର ଆୟୋଜନ ,କବି ଲେଖକ ମାନଙ୍କୁ ସମ୍ମାନ,ସଂସ୍କୃତ ଭାଷାର ଉଚ୍ଚମାନର ପୁସ୍ତକ ,ଓଡ଼ିଆ ଭାଷାର ଅନୁବାଦ ପୁସ୍ତକ ଆଦି ସୃଷ୍ଟି କରି ଓଡ଼ିଶାର ଚାରିଆଡେ ଖ୍ୟାତି ଅର୍ଜନ କରିଥିଲେ

ଆଧୁନିକ ସାହିତ୍ୟର ଉଜ୍ଜ୍ୱଳତମ ସ୍ରଷ୍ଟା ରାଧାନାଥ ରାୟ ବାମଣ୍ଡା ଦରବାରରୁ ' କବିବର ' ଉପାଧି ପାଇଥିଲେ ।ସେହିପରି ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୯୧୬ ମସିହା ଫେବୃଆରୀ ମାସ ୬ ତାରିଖରେ ' ସରସ୍ୱତୀ ' ,ଭୁବନେଶ୍ୱର ବଡ଼ପଣ୍ଡାଙ୍କୁ ' ବକୁଳ କବି ',ଦାମୋଦର ମିଶ୍ରଙ୍କୁ ' ପଦ୍ୟାଳଙ୍କର ' ଏବଂ ପଦ୍ମଲୋଚନ ଦାସଙ୍କୁ ' କଥକ ଶିରୋମଣି ' ଆଦି ଉପାଧି ପ୍ରଦାନ କରାଯାଇଥିଲା ।ଉପରୋକ୍ତ ସାହିତ୍ୟ ସାଧକ ମାନଙ୍କୁ ଛାଡ଼ି ବହୁ ବଡ ବଡ଼ ପଣ୍ଡିତ ଯଥା:- କାଳୀଚରଣ ଦ୍ୱିବେଦୀ ,ଭାଗିରଥି ମହାପାତ୍ର,ସୁଦର୍ଶନ ମିଶ୍ର,ଚିନ୍ତାମଣି ମିଶ୍ର ଶର୍ମା,ବ୍ରଜବନ୍ଧୁ ମିଶ୍ର,ରତ୍ନାକର ଶର୍ମା,ଇତ୍ୟାଦି ମଧ୍ୟ ବାମଣ୍ଡା ଦରବାରକୁ ସାହିତ୍ୟ ଆଲୋଚନାରେ ମଣ୍ଡିତ କରିଥିଲେ ।ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପଣ୍ଡିତ ମାନଙ୍କୁ ଡାକି ସେମାନଙ୍କୁ ସମ୍ମାନିତ କରିବା ସହ ଉତ୍କଳର ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ ।ବେଳେବେଳେ ନୂତନ ଲେଖକ ମାନଙ୍କୁ ଉତ୍ସାହିତ

କରିବା ନିମନ୍ତେ ସେମାନଙ୍କ ରଚନାବଳୀ ପ୍ରକାଶ ଭାର ନିଜେ ବହନ କରୁଥିଲେ ।ତାଙ୍କ ଦରବାରରେ ବିଭିନ୍ନ ସାରସ୍ୱତ ସାଧକ ନୀଳମଣି ବିଦ୍ୟରତ୍ନ,ରାଜା ବାସୁଦେବ ସୁଢ଼ଳଦେବ, ସଚ୍ଚିଦାନନ୍ଦ ଦେବ,ଜଳନ୍ଧର ଦେବ ଓ ସ୍ଥାନୀୟ କବି ଲେଖକଙ୍କ ସାହିତ୍ୟ ଆଲୋଚନା ଦ୍ୱାରା ଦେବଗଡ ଠାରେ ଏକ ସାରସ୍ୱତ ପରିବେଶ ସୃଷ୍ଟି ହୋଇପାରିଥିଲା ।କବିବର ରାଧାନାଥ ରାୟ ତାଙ୍କ ' ମହଯାତ୍ରା ' କାବ୍ୟରେ ବାସୁଦେବ ସୁଢ଼ଳଦେବଙ୍କୁ ମଧ ପ୍ରଶଂସା କରିଛନ୍ତି ।ସେହିପରି ଭାବେ ସୁଢ଼ଳଦେବଙ୍କ ସମୟରେ ବାମଣ୍ଡା ଦରବାର ଉତ୍କଳର ଉଜ୍ଜୟିନୀ ଭାବେ ପ୍ରସିଦ୍ଧ ଲାଭ କରିଥିଲା ।ବହୁ ସ୍ୱନାମଧନ୍ୟ କବି ବା ଲେଖକ ମାନଙ୍କୁ ନୁହେଁ ନୂତନ ଲେଖକମାନଙ୍କୁ ମଧ ସାହିତ୍ୟଚର୍ଚ୍ଚା ନିମନ୍ତେ ଉତ୍ସାହିତ କରିବା ପାଇଁ ସେମାନଙ୍କ ଲେଖାକୁ ସମ୍ବଲପୁର ହିତୈଷିଣୀ ପତ୍ରିକା ମଧ୍ୟରେ ସ୍ଥାନ ଦେଉଥିଲେ ।ଏହାର ସମ୍ପାଦନା କାର୍ଯ୍ୟ ନିର୍ବାହ କରିଥିଲେ ନୀଳମଣି ବିଦ୍ୟାରତ୍ନ ।ତାଙ୍କର ଏକନିଷ୍ଠ ସମ୍ପାଦନା ଓ ପ୍ରବୀଣ ଲେଖକ ମାନଙ୍କ ଲେଖା ପ୍ରକାଶନା ହେବା ଦ୍ୱାରା ଏହି ପତ୍ରିକା ଓଡ଼ିଶା ତଥା ଓଡ଼ିଶା ବାହାରେ ଆଦୃତ ଲାଭ କରିଥିଲା ।ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ଓ ପ୍ରସାର ନିମନ୍ତେ ୧୮୮୫ ମସିହାରେ ସୁଢ଼ଳପ୍ରେସ ସ୍ଥାପନା କରିଥିଲେ ।ଏହି ପ୍ରେସରୁ ସେବକ ଓ ସଂସ୍କାରକ ଦୁଇଗୋଟି ପତ୍ରିକା ପ୍ରକାଶ ହେଉଥିଲା ।ପରବର୍ତ୍ତୀ ସମୟରେ ସଂସ୍କାରକ ବନ୍ଦ ହୋଇଯିବାରୁ ସେହି ପ୍ରେସ୍ କଟକରୁ ଉଠାଇ ଆଣି ଦେବଗଡର ଜଗନ୍ନାଥ ବଲ୍ଲଭ ପ୍ରେସ ସହ ସଂଯୋଗ କରାଗଲା ।୧୯୧୧ ରେ ଇଲେକ୍ଟ୍ରି ମେସିନ ବସାଇ ନାମକରଣ କରାଗଲା 'ହିତୈଷିଣୀ ଇଲେକ୍ଟ୍ରିମେସିନ ପ୍ରେସ '।୧୯୨୩ ରୁ ୧୯୪୮ ଯାଏ ଏହି ପ୍ରେସ ନାମକରଣ ହୋଇଥିଲା ଇଲେକ୍ଟ୍ରି ପ୍ରେସ ।ଏହାପରେ ମଧ ବାମଣ୍ଡାର ଶେଷ ରାଜା ଭାନୁଗଙ୍ଗ ତ୍ରିଭୁବନ ଦେବଙ୍କ ସମୟରେ ଦେବଗଡରୁ 'ଶଙ୍ଖ' ନାମକ ପତ୍ରିକା ପ୍ରକାଶ ପାଇଥିଲା ।ଏହାକୁ ସମ୍ପାଦନା କରୁଥିଲେ ମାୟାଧର ମାନସିଂହ ।ହାଇସ୍କୁଲ ଛାତ୍ର ମାନଙ୍କୁ ସାହିତ୍ୟ ସାଧନା ଦିଗରେ ଉତ୍ସାହିତ କରିବା ନିମନ୍ତେ ସଚିଦାନନ୍ଦଙ୍କ ଉଦ୍ୟମରେ ଏକ 'ଛାତ୍ର ସମିତି' ଗଠନ କରାଯାଇଥିଲା ।ଏହାର ସମ୍ପାଦକ ଥିଲେ ଜଳନ୍ଧର ଦେବ ।ଏହି ସମିତିର ଉଦ୍ଦେଶ୍ୟ ଥିଲା ଗଦ୍ୟ ସାହିତ୍ୟର ଉନ୍ନତି ।ବିଦ୍ୟାଳୟର ଶିକ୍ଷକ ମାନେ ସପ୍ତାହର ଆରମ୍ଭରେ ଅର୍ଥାତ୍ ସୋମବାର ଦିନ ପ୍ରବନ୍ଧ ନିର୍ବାଚନ କରି ପିଲାମାନଙ୍କୁ ଦେଉଥିଲେ ।ଏବଂ ପିଲାମାନେ ସମିତି ସମ୍ମୁଖରେ ଏହି ପ୍ରବନ୍ଧକୁ ପାଠ କରୁଥିଲେ ।ପ୍ରବନ୍ଧ ପାଠ ପରେ ଉପରୋକ୍ତ ବିଷୟ ଉପରେ ଆଲୋଚନା ସମାଲୋଚନା କରାଯାଇ ଶ୍ରେଷ୍ଠ ପ୍ରାବନ୍ଧିକଙ୍କୁ ପୁରସ୍କାର ଦିଆଯାଉଥିଲା ।ଯାହାଦ୍ୱାରା ବାମଣ୍ଡା ରାଜ୍ୟରେ ବହୁ ଯୁବ ଲେଖକ ଓ ପ୍ରାବନ୍ଧିକ ସୃଷ୍ଟି ହେଉଥିଲେ ।ସେହିପରି ଭାବେ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ନିଜ କନ୍ୟା ମନ୍ଦାକିନୀର ଅକାଳ ମୃତୁର ସ୍ମୃତିରକ୍ଷା ନିମନ୍ତେ 'ମନ୍ଦାକିନୀ ବାଳିକା ବିଦ୍ୟାଳୟ' ସ୍ଥାପନା କରିଥିଲେ ଏହାର ପ୍ରଥମ ଛାତ୍ରୀ ଥିଲେ ସୁଲୋଚନା ଦେବୀ ।ଉତ୍କଳ ସମ୍ମିଳନୀରେ ସେ ଦେଶାତ୍ମକ ସଙ୍ଗୀତଗାନ କରିଥିଲେ ।ତାଙ୍କୁ ସେ ସମୟର ବାମଣ୍ଡାର ସେକ୍ରେଟାରୀ 'ବାଳିକା ବନ୍ଧୁ' ସମ୍ମାନରେ ସମ୍ମାନିତ କରିଥିଲେ । ସେହିପରି ସେ ମଧ ରାଜଧାନୀ ଦେବଗଡ ଠାରେ ' ପ୍ରାଞ୍ଚ ' ସ୍କୁଲ ସ୍ଥାପନା କରିଥିଲେ ।ତାହାର ଉଦ୍ଦେଶ୍ୟ ଥିଲା ପିଲାମାନଙ୍କୁ ଇଂରେଜ ପରିବର୍ତ୍ତେ ଓଡ଼ିଆ ଭାଷା ପଢ଼ିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବା ।ଏହାଦ୍ୱାରା ମାତୃଭାଷାର ଉନ୍ନତି ହେବ । ଏହିପରିଭାବେ ବାମଣ୍ଡାରେ ବାସୁଦେବ ସୁଢ଼ଳ ଦେବ,ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ଭାନୁଗଙ୍ଗ ତ୍ରିଭୁବନ ଦେବ ଆଦି ରାଜା ମାନେ ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ବହୁ କାର୍ଯ୍ୟ କରିଥିଲେ ।

**ଅଧୁନା ଦେବଗଡ଼ରେ ସାହିତ୍ୟ ଅନୁଷ୍ଠାନ :**

ବର୍ତ୍ତମାନର ସାମାଜିକ,ସାଂସ୍କୃତିକ ପରିବେଶ ଉପରେ ଅତୀତର ଚାଲିଚଳନ,ସାଂସ୍କୃତିକ ପରିବେଶ ବେଶ୍ ପ୍ରଭାବ ପକାଇଥାଏ ।ଯାହାର ଅତୀତ ସୁଦୃଢ଼ ତାହାର ବର୍ତ୍ତମାନ ମଧ ଦୃଢ଼ ।ଦେବଗଡ଼ ଜିଲ୍ଲାର ସାହିତ୍ୟିକ ଅନୁଷ୍ଠାନକୁ ଆଲୋଚନା ପରିସରକୁ ଆଣିବାବେଳେ ଅତୀତର ବାମଣ୍ଡା ଦରବାର ଏବଂ ସେଠାରେ ପ୍ରତିନିଧିତ୍ୱ କରୁଥିବା ରାଜାମାନେ ମାନସପଟକୁ ଆସିଯାଆନ୍ତି ।ବାସୁଦେବ ସୁଢ଼ଳ ଦେବ ବାମଣ୍ଡାରେ ଯେଉଁ ଦରବାର ବସାଇ ବହୁ ପଣ୍ଡିତ ମାନଙ୍କୁ ନିମନ୍ତ୍ରଣ କରି ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ ତାହାର ପ୍ରଭାବ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଢି ଉଠିଥିବା ଅନୁଷ୍ଠାନ ଉପରେ ପଡ଼ିଥିବ ତାହା ନିର୍ଦ୍ଦ୍ୱନ୍ଦରେ କୁହାଯାଇପାରେ । ସେ ଯେପରି ତାଙ୍କ ରାଜ ଦରବାରକୁ ବହୁ ପଣ୍ଡିତ ମାନଙ୍କୁ ଡାକି ସାହିତ୍ୟ ଆଲୋଚନା କରୁଥିଲେ ଠିକ୍ ସେହିପରି ତାଙ୍କ ପରେ ଗଢି ଉଠିଥିବା ଅନୁଷ୍ଠାନ ନିଜ ଜିଲ୍ଲା ତଥା ଅନ୍ୟ ଜିଲ୍ଲା ମାନଙ୍କରୁ କବି ମାନଙ୍କୁ ଡାକି ଭାଷା ସାହିତ୍ୟ ଉପରେ ଆଲୋଚନା କରୁଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେବଗଡ଼ରେ ଗଢ଼ିଉଠିଥିବା ଅନୁଷ୍ଠାନ ଗୁଡ଼ିକର ସଂଖ୍ୟା ସଂଖ୍ୟାତ୍ମକ ଦୃଷ୍ଟିରୁ କମ୍ ହେଲେ ମଧ ଗୁଣାତ୍ମକ ଦୃଷ୍ଟିରୁ ତାହା ବିଚାରଯୋଗ୍ୟ । ସେହି ଅନୁଷ୍ଠାନ ହେଉଛି :- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ,ରାଧାକୃଷ୍ଣ ସାହିତ୍ୟ ସଂସଦ,ପତିତ ପାବନ ସାହିତ୍ୟ ସଂସଦ,ନବଦିଗନ୍ତ ସାହିତ୍ୟ ।ସଂସଦ,ନବଜୀବନ ସାହିତ୍ୟ ସଂସଦ,ଭାଇ ଭଉଣୀ ସାହିତ୍ୟ ଅନୁଷ୍ଠାନ, ଓଁ ଶ୍ରୀ ସାହିତ୍ୟ ସଂସଦ,ନବଜୀବନ ସାହିତ୍ୟ ସଂସଦ,ସ୍ୱର୍ଣ୍ଣରେଖା ସାହିତ୍ୟ ସଂସଦ,ବାମଣ୍ଡା ସାହିତ୍ୟ ସଂସଦ ଇତ୍ୟାଦି ।ଏହି ଅନୁଷ୍ଠାନ ମଧ୍ୟରୁ ଭାଇ ଭଉଣୀ ଅନୁଷ୍ଠାନ ପ୍ରାୟତଃ ୨ ବର୍ଷ କାମ କରି ମୃତପ୍ରାୟ ।ଏହା ୧୯୯୦-୧୯୯୨ ମସିହାରେ ଧରଣୀ ଧରଙ୍କ ନେତୃତ୍ୱରେ ଗଢି ଉଠିଥିଲେ ମଧ ଏହା ୧୯୯୫ ବେଳକୁ ମୃତପ୍ରାୟ

ହୋଇଯାଇଥିଲା ।ବହୁ ଘାତ ପ୍ରତିଘାତ ମଧ୍ୟ ଦେଇ ଏହି ଅନୁଷ୍ଠାନ ନିଜ ନିଜର କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି ।ଆର୍ଥିକ ସମସ୍ୟା ସହ ଅନ୍ୟ ସାମାଜିକ ସମସ୍ୟା ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ବାଧା ସୃଷ୍ଟି କରିଥିଲେ ମଧ୍ୟ ସେମାନଙ୍କ ଅପ୍ରାଣ ଉଦ୍ୟମ ପାଇଁ ଅଧୁନା ସେମାନେ ନିଜ ନିଜ ଅନୁଷ୍ଠାନର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି । ଏହି ଅନୁଷ୍ଠାନ ଆମ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ବହୁତ୍ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରୁଅଛି ।

**ଅନୁଷ୍ଠାନ ମାନଙ୍କରୁ ପ୍ରକାଶିତ ପତ୍ରିକା ଓ ଏହାର କାର୍ଯ୍ୟକ୍ରମ :**

ଭାଷା ବିଲୋପ ଆନ୍ଦୋଳନ ସମୟରେ ସୁଢ଼ଳ ଦେବ ବାମଣ୍ଡାରୁ ସମ୍ବଲପୁର ହିତୈଷିଣୀ ନାମକ ପତ୍ରିକା ନୀଳମଣି ବିଦ୍ୟରତ୍ନଙ୍କ ପ୍ରଚେଷ୍ଟାରେ ସମ୍ପାଦନା କରି ବହୁ ସୁଲେଖକ ମାନଙ୍କୁ ସୃଷ୍ଟି କରିଥିଲେ ଏବଂ ତନ୍ମଧ୍ୟରେ ଉଚ୍ଚକୋଟୀର ସୃଷ୍ଟିକୁ ସ୍ଥାନ ଦେଉଥିଲେ ।ଅଧୁନା ଦେବଗଡ଼ରେ ଥିବା ଅନୁଷ୍ଠାନ ମଧ୍ୟରୁ ମାସିକ, ବାର୍ଷିକ ପତ୍ରିକା ପ୍ରକାଶିତ ହେଉଅଛି ।ସାହିତ୍ୟ ଓ ଅନୁଷ୍ଠାନ ହେଉଛି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ ।ଏହି ଅନୁଷ୍ଠାନ ଦ୍ୱାରା ସାହିତ୍ୟକୁ ପ୍ରଗତି ପଥରେ ଅଗ୍ରନେବପାଇଁ ପ୍ରଚେଷ୍ଟା କରାଯାଇଥାଏ ।ଅନୁଷ୍ଠାନ ଯେଉଁ ଅଞ୍ଚଳର ହେଇଥାଉନ କାହିଁକି ତାହାର ଲକ୍ଷ୍ୟ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ।ପତିତ ପାବନ ସାହିତ୍ୟ ସଂସଦ ଯାହା ଦେବଗଡ ଜିଲ୍ଲାର କଣ୍ଡଳ ଗ୍ରାମରେ ଅବସ୍ଥିତ ।ଏହା ୨୦୦୫ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।ଏହାର ରେଜିଷ୍ଟ୍ରେସନ ନମ୍ବର ହେଉଛି ୦୪/୨୦୦୮ ।ଅଧୁନା ଏହାର ସମ୍ପାଦକ ହରିହର ସାହୁ ଓ ସଭାପତି ଅନିରୁଦ୍ଧ ନାୟକଙ୍କ ଦ୍ୱାରା ' ଜ୍ଞାନ ସାରଥୀ ' ନାମକ ଏକ ତ୍ରୈମାସିକ ପତ୍ରିକା ୨୦୦୬ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୬୫ ଖଣ୍ଡ ପତ୍ରିକା ପ୍ରକାଶିତ ହୋଇଅଛି ।ଏହି ସଂସଦ ମଧ୍ୟ ପତ୍ରିକା ପ୍ରକାଶ ସମୟରେ ଆଲୋଚନା,କବିତା ପାଠୋତ୍ସବ,ଇତ୍ୟାଦି ଆୟୋଜନ କରିଥାଏ ସେହିପରି ଭାବେ ସେହି ପତ୍ରିକା ମଧ୍ୟରେ କବିତା,ଗଳ୍ପ,ପ୍ରବନ୍ଧ, ଧର୍ମ ଓ ସଂସ୍କୃତି ସଂପନ୍ନ ଆଲୋଚନା ଇତ୍ୟାଦି ପ୍ରକାଶିତ ହେଉଅଛି ।ସାହିତ୍ୟ ସଦାସର୍ବଦା ସମାଜକୁ ସଚେତନ କରିଥାଏ ଉପରୋକ୍ତ ଅନୁଷ୍ଠାନର ପତ୍ରିକାରେ ଅଧୁନା ସମୟ ସମାଜର ସମସ୍ୟା ଗୁଡିକକୁ କବିତା ,ଗଳ୍ପ,ପ୍ରବନ୍ଧ ଇତ୍ୟାଦି ମାଧ୍ୟମରେ ପରିପ୍ରକାଶ କରୁଅଛି ।ଏତଦ୍ ବ୍ୟତୀତ ' ମାନସ ମନ୍ଥନ ' ନାମକ ଏକ ଶୀର୍ଷକରେ ପିଲାମାନଙ୍କ ନିମନ୍ତେ ସେମାନଙ୍କର ସାଧାରଣ ଜ୍ଞାନକୁ ବୃଦ୍ଧି କରିବା ପାଇଁ ବହୁ ଜ୍ଞାତବ୍ୟ ତଥ୍ୟ ସ୍ଥାନ ଦିଆଯାଉଛି ।ଏହାଦ୍ୱାରା ଶିଶୁ ମାନଙ୍କ ମାନସିକ ସ୍ତରକୁ ଉନ୍ନତ କରିବା ନିମନ୍ତେ ଚେଷ୍ଟା କରାଯାଉଛି ।ନିୟମିତ ବ୍ୟବଧାନରେ ମଧ୍ୟ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ କରିଥାଏ ।ବିଭିନ୍ନ ସମ୍ମିଳନୀ,ଦିବସ ,ଉତ୍ସବ ପାଳନ କରିଥାଏ । ଗାଁର ଲକ୍ଷ୍ମୀପୂଜା ସମୟରେ ଅନୁଷ୍ଠାନ ତାହାର ବାର୍ଷିକ ଉତ୍ସବ ପାଳନ କରିଥାଏ ଏବଂ ସାହିତ୍ୟ,କାହାଣୀ,ଏବଂ ପ୍ରବନ୍ଧ କ୍ଷେତ୍ରରେ ବିଶେଷ ଅବଦାନ ଥିବା ଶ୍ରେଷ୍ଠ ଲେଖକଙ୍କୁ ସମ୍ମାନ ଦିଆଯାଏ। ଜ୍ଞାନସାରଥି ନାମରେ ଜ୍ଞାନସାରଥୀ ଗଳ୍ପ ସମ୍ମାନ, ଜ୍ଞାନସାରଥୀ କବିତା ସମ୍ମାନ,ଜ୍ଞାନ ସାରଥିପ୍ରବନ୍ଧ ସମ୍ମାନ ଆଦି ଦିଆଯାଇଥାଏ ।ଏହି ଅନୁଷ୍ଠାନର ପତ୍ରିକା ମାଧ୍ୟମରେ ବହୁ ଆଞ୍ଚଳିକ କବି ମାନଙ୍କୁ ସୃଷ୍ଟି କରି ସାହିତ୍ୟ ଜଗତକୁ ଆଣି ସ୍ଥାନ ଦିଆଯାଇପାରିଛି ।ସେମାନେ ହେଲେ : ଭେଷଜ କୁମାର ଭୋଜ, ଅନିରୁଦ୍ଧ ନାୟକ, ହରିହର ସାହୁ, ବେଣୁଧର ବେହେରା, ଶଶୀଭୂଷଣ ପ୍ରଧାନ ଇତ୍ୟାଦି । ସେହିପରି ଅନ୍ୟ ଏକ ସାହିତ୍ୟ ଅନୁଷ୍ଠାନ ହେଉଛି ରାଧାକୃଷ୍ଣ ସାହିତ୍ୟ ସଂସଦ ।ଏହାର ନାମକରଣ ସର୍ବପଲ୍ଲୀ ରାଧାକୃଷ୍ଣ ଓ ଆରାଧ୍ୟ ଦେବତାଙ୍କ ନାମରେ ଏହି ଅନୁଷ୍ଠାନ ନାମିତ ହୋଇଅଛି ।ଏହା ଦେବଗଡର ରେଙ୍ଗାଲବେଡା ଗ୍ରାମ, ରିଆମାଳ ବ୍ଲକ , ଭାୟା ପୁରୁଣା ଗଡଠାରେ ଅବସ୍ଥିତ ।ଏହା ୨୦୦୪ ସେପଟ୍ଟେମ୍ବର ମାସ ୫ ତାରିଖରେ ପ୍ରତିଷ୍ଠା ହୋଇଥିଲା ।ଏହି ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଥିଲା ଗୁରୁଦିବସ ।ମାତ୍ର ଏହା ପଞ୍ଜିକୃତ ହୋଇଥଲା ୨୦୦୭ ମସିହାରେ ଏହାର ପଞ୍ଜିକୃତ ସଂଖ୍ୟା ହେଉଛି ୪୪/୨୦୦୭ ।ଅଧୁନା ଏହାର ସମ୍ପାଦକ ବିପିନି ବିହାରୀ ପୃଷ୍ଟି,ଓ ସଭାପତି ଲୋକନାଥ ବେହେରା ।ଅନୁଷ୍ଠାନ ତରଫରୁ ' ଅମୃତବିନ୍ଦୁ ' ନାମକ ପତ୍ରିକା ପ୍ରକାଶିତ ହେଉଅଛି ।ପ୍ରତ୍ୟେକ ମାସରେ ଅନୁଷ୍ଠାନ ତରଫରୁ ମାସିକ ଆଲୋଚନା ହୋଇଥାଏ ଏହା ସହ ସାହିତ୍ୟ ସମ୍ପର୍କିତ ଆଲୋଚନା ତଥା କବିତା ଆସର ଇତ୍ୟାଦି । ଏତଦ୍ ବ୍ୟତୀତ ରେଙ୍ଗଲବେଡର ପାର୍ଶ୍ୱରେ ବହିଯାଇଥିବ ଗୋହିରା ନଦୀର ବାଲୁକା ଶର୍ଯ୍ୟାରେ ୩ ଥର ଖୋଲମଞ୍ଚରେ ମାସିକ କବିତା ଆଲୋଚନା ହୋଇଅଛି । କବିତା ଆସର ସମୟରେ ସଂଯୋଜକ କବିତା ସମ୍ପର୍କରେ ସାମୂହିକ ଆଲୋକପାତ କରିବା ସହ କବିତାର ସମୀକ୍ଷକ କବିତା ଗାନ ପରେ ଆବୃତ୍ତି କବିତା ସମ୍ପର୍କରେ ଆଲୋଚନା କରିଥାନ୍ତି । ଓଡ଼ିଶାରେ ଥିବା ୨୬ ଟି ଗଡ଼ଜାତ ମଧ୍ୟରୁ ବାମଣ୍ଡା ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ କେବଳ ନିଜ ଅଞ୍ଚଳରେ ନୁହେଁ ଓଡ଼ିଶାର ପ୍ରତିଟି ଜିଲ୍ଲାରେ କାର୍ଯ୍ୟ କରିଥିଲା ।ଏହାର ରାଜା ସୁଢ଼ଳ ଦେବ ଉଭୟ ପାରିଶ୍ରମିକ ଓ ପରିତୋଷିକ ଦେଇ ସାହିତ୍ୟ ଉନ୍ନତି ନିମନ୍ତେ ସ୍ରଷ୍ଟା ମାନଙ୍କୁ ଉତ୍ସାହିତ କରୁଥିଲେ ।ଏକଦା ସାହିତ୍ୟ ରାଜ୍ୟରେ ନିଜର ଦ୍ରୁତ ବିକାଶ କରାଇଥିବା ଏହି ବାମଣ୍ଡା ସ୍ୱାଧୀନତା ପରବର୍ତ୍ତୀ ସମୟରେ ସୁପ୍ତ ହୋଇଯାଇଥିଲା ।ସେହି ପୂର୍ବ ସଂସ୍କୃତିକୁ ପୁନଃ ଜାଗରଣ କରାଇବା ଏହି ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ।ଗ୍ରାମାଞ୍ଚଳର ଅନାବିଷ୍କୃତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଅନି ସେମାନଙ୍କର ସୃଜନଶୀଳତାର ପରିପ୍ରକାଶ ଏହାର ଅନ୍ୟ ଏକ ଲକ୍ଷ୍ୟ ।ଓଡ଼ିଆ ସାହିତ୍ୟର ଉନ୍ନତିରେ ଯେଉଁ ସାଧକ ମାନେ ନିଜକୁ ଜଳାଞ୍ଜଳି ଦେଇଛନ୍ତି ଯଥା ମଧୁବାବୁ,ଗୋପବନ୍ଧୁ

ଦାସ,ବାସୁଦେବ ସୁଢ଼ଳ ଦେବ,ରାଧାନାଥ ରାୟ,ବ୍ରଜନାଥ ବଡ଼ଜେନା,ଗଙ୍ଗାଧର ମେହେର, ଫକୀରମୋହନ ସେନାପତି ଇତ୍ୟାଦିଙ୍କ ଶ୍ରାଦ୍ଧ ଦିବସରେ ସେମାନଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଦିଆଯାଇଥାଏ।ଅଦ୍ୟାବଧି ଏହି ଅନୁଷ୍ଠାନ ତରଫରୁ ୨୦ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇଅଛି ।ସେଗୁଡିକ ମଧ୍ୟରେ ଗଙ୍ଗାଧର ସାହୁଙ୍କ ଚୁନିଚୁନି ସୁନାଫୁଲ ଓ ବିପିନି ବିହାରୀଙ୍କ ବୀରହ ବଂଶୀ ଇତ୍ୟାଦି ପ୍ରସିଦ୍ଧ ଲାଭ କରିଅଛି।ଏହି ଅନୁଷ୍ଠାନ ତରଫରୁ ଭାଷା ବିଲୋପ ଆନ୍ଦୋଳନ ସମୟରେ ଓଡ଼ି ସାହିତ୍ୟର ମାର୍ଗଦର୍ଶକଙ୍କ ନାମରେ ରାଜ୍ୟସ୍ତରୀୟ ରାଜା ବାସୁଦେବ ସୁଢ଼ଳଦେବ ସମ୍ମାନ ଦିଆଯାଏ।ସେହିପରିଭାବେ ଶ୍ରେଷ୍ଠକବିଙ୍କୁ ଆମୃତବିନ୍ଦୁ ସାରସ୍ୱତ କବି ସମ୍ମାନ,ଶ୍ରେଷ୍ଠ ପ୍ରାବନ୍ଧିକଙ୍କୁ ଅମୃତବିନ୍ଦୁ ସାରସ୍ୱତ ପ୍ରାବନ୍ଧିକ ସମ୍ମାନ ,ଶ୍ରେଷ୍ଠ ଗାଳ୍ପିକଙ୍କୁ ଅମୃତବିନ୍ଦୁ ସାରସ୍ୱତ ଗାଳ୍ପିକ ସମ୍ମାନ ଦିଆଯାଇଥାଏ।ଏତଦ୍ ବ୍ୟତୀତ ରିଆମାଳ ବ୍ଲକରେ ପିଲାମାନଙ୍କୁ ପାଠ ପଢ଼ାରେ ଉତ୍ସାହିତ କରିବା ନିମନ୍ତେ ଏହି ଅନୁଷ୍ଠାନ ଯେଉଁମାନେ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉଚ୍ଚସ୍ଥାନ ଲାଭ କରିଛନ୍ତି ସେମାନଙ୍କୁ ପ୍ରତିବର୍ଷ 'ଶିକ୍ଷାସାରଥି ସମ୍ମାନ' ଦିଆଯାଇଥାଏ।ଏହିପରି ଭାବେ ରାଧାକୃଷ୍ଣ ସହିତ୍ୟସଂସଦ ତାର ଆଞ୍ଚଳିକ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ କାର୍ଯ୍ୟ କରୁଅଛି।ସେହିପରି ବାମଣ୍ଡା ସାହିତ୍ୟ ସଂସଦ ଯାହା ଦେବଗଡ ଜିଲ୍ଲାର ଗୁରୁସାହି ଗ୍ରାମରେ ଅବସ୍ଥିତ।ଏହାର ପଞ୍ଜୀକରଣ ସଂଖ୍ୟା ହେଉଛି୮/ ୧୮୯୬-୯୭।ଏହାର ସମ୍ପାଦକ ହେଉଛନ୍ତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଏହାର ସଭାପତି ମୁରଲୀ ଧର ନାୟକ ସେ ଜଣେ ଅବସରପ୍ରାପ୍ତ ତହସିଲଦାର।ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ନୂତନ ସାହିତ୍ୟିକ ସୃଷ୍ଟି ଏହାର ଲକ୍ଷ୍ୟ ଅଟେ।ଏହି ଅନୁଷ୍ଠାନ ୧୯୮୬ ମସିହାରେ ଗଠିତ ହୋଇ ଦୀର୍ଘ ବର୍ଷ ଧରି ନୀରବିଚ୍ଛିନ୍ନ ଭାବେ କାର୍ଯ୍ୟ କରୁଅଛି।ଯେତେବେଳେ ବାମଣ୍ଡା ଗଡ଼ଜାତ ଥିଲା ଏବଂ ଦେବଗଡ ଜିଲ୍ଲା ସୃଷ୍ଟି ହୋଇନଥିଲା ସେ ସମୟରେ କୁଚିଣ୍ଡା ଦେବଗଡ ସହ ମିଶି ରହିଥିଲା।ସେହି ସମୟରେ ଏହି ଅନୁଷ୍ଠାନର ସୃଷ୍ଟି।ବାମଣ୍ଡାର କୀର୍ତ୍ତି ତଥା ପ୍ରାଚୁର୍ଯ୍ୟକୁ ବଞ୍ଚାଇରଖିବ ନିମନ୍ତେ ସେହି ସମୟରେ ଏହି ଅନୁଷ୍ଠାନ ଗଠନ କରାଯାଇଥିଲା।ମାତ୍ର ଦେବଗଡ ଜିଲ୍ଲା ଗଠନ ପରେ କୁଚିଣ୍ଡା ସମ୍ବଲପୁର ସହ ମିଶିଯାଇଥିଲ।ସେହି ସମୟରେ କୁଚିଣ୍ଡାର ଯେଉଁ ସଦସ୍ୟ ମାନେ କୁଚିଣ୍ଡା ଏହି ଅନୁଷ୍ଠାନ ପାଇଁ ଅଣ୍ଟାଭିଡ଼ିଥିଲେ ସେମାନେ ଦେବଗଡ ଜିଲ୍ଲା ଅଲଗା ପରେ ମଧ୍ୟ ସଦସ୍ୟ ହୋଇରହିଲେ।ଅଧୁନା ଦେବଗଡ଼ର ଏହି ଅନୁଷ୍ଠାନର ଯେଉଁ ସଭାସମିତି ହୁଏ ସେହି ସମୟରେ କୁଚିଣ୍ଡା ରୁ ସଦସ୍ୟମାନେ ଆସିଥନ୍ତି ଏବଂ ବାମଣ୍ଡାରୁ ମଧ୍ୟ ନିମନ୍ତ୍ରିତ ହୋଇ ବହୁଥର କୁଚିଣ୍ଡାକୁ ଏହି ଅନୁଷ୍ଠାନର ସଦସ୍ୟ ମାନେ ଯାଇଥାନ୍ତି।ଦେବଗଡ଼ର ଶିକ୍ଷକ,ଲେଖକ,ଓ କବି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଗ୍ରାମବାସୀଙ୍କୁ ନେଇ କାର୍ଯ୍ୟ କରିଥାଏ।ଦେବଗଡ ଜିଲ୍ଲାର ଅନ୍ୟ ଅନୁଷ୍ଠାନ ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲା ଗ୍ରସ୍ତ କରି ସାରା ଓଡ଼ିଶାର ସାହିତ୍ୟିକ ଅନୁଷ୍ଠାନ ମାନଙ୍କରେ ଯୋଗଦାନ କରି ପ୍ରଶଂସା ପତ୍ର, ମାନପତ୍ର ର ସମ୍ବର୍ଦ୍ଧନ ପ୍ରାପ୍ତ କରି ଗୌରବ ଅର୍ଜନ କରିଅଛି। କଟକ, କେଉଁଝର, ମୟୂରଭଞ୍ଜ, ବରଗଡ଼, ଗଞ୍ଜାମ, ବଲାଙ୍ଗୀର,ଆଦି ଓଡ଼ିଶାର ବହୁଜିଲ୍ଲା ଗ୍ରସ୍ତ କରି ସାହିତ୍ୟ ସମ୍ପର୍କରେ ଆଲୋଚନା କରି ନିଜର ପ୍ରତିଭାର ପରିଚୟ ଦେଇପାରିଅଛି।ସମ୍ପାଦକଙ୍କ କହିବା ଅନୁଯାୟୀ ଏହି ଅନୁଷ୍ଠାନ କେବଳ ଓଡ଼ିଶାର କୋରାପୁଟ,କଳାହାଣ୍ଡି,ବ୍ୟତୀତ ସବୁ ଜିଲ୍ଲା ପରିଭ୍ରମଣ କରି ନିଜର ପାରଦର୍ଶିତା କବିତା,ଗଳ୍ପ,ସାହିତ୍ୟ ଆଲୋଚନା କ୍ଷେତ୍ରରେ ଦେଖାଇପାରିଅଛିଏହି ଅନୁଷ୍ଠାନ ପ୍ରତିବର୍ଷ କବିତା ସମ୍ଭାର କରି କବିତା ପାଠ ଉତ୍ସବ ଆୟୋଜନ କରି ପ୍ରଶଂସାପତ୍ର,ମାନପତ୍ର, ସମ୍ବର୍ଦ୍ଧନା ଆଦି ଦେଇଥାଏ।ଏହି ଅନୁଷ୍ଠାନ ତରଫରୁ 'କବିତା ସମ୍ଭାର' ନାମକ ପତ୍ରିକା ୯ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଅଛି। କରୋନା ମହାମାରୀର ପ୍ରଭାବ ପରେ ପରେ ଏହି ଅନୁଷ୍ଠାନ ଆର୍ଥିକ ଦୃଷ୍ଟିରୁ ପତ୍ରିକା ପ୍ରକାଶନ କରିପାରୁନାହିଁ। ପ୍ରିଣ୍ଟିଂପ୍ରେସର ଚାହିଦା ଯୋଗୁଁ ଯାହା ପୂର୍ବରୁ ୧୦୦୦୦ ଟଙ୍କା ମଧ୍ୟରେ ସୀମିତ ଥିଲା ମାତ୍ର: ତାହା ଦ୍ୱିଗୁଣିତ ହୋଇଥିବାରୁ ପତ୍ରିକା ପ୍ରକାଶ ପାଇବା ଅସୁବିଧା ହେଉଅଛି ଏବଂ ଅନୁଷ୍ଠାନ ନିଜସ୍ୱ ବ୍ୟୟରେ ଚାଲୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଅଛି ବୋଲି ଅନୁଷ୍ଠାନର ସଦସ୍ୟ ମତପୋଷଣ କରିଛନ୍ତି ।ବିଶେଷ ଦିବସ ଯଥା ଉତ୍କଳ ଦିବସ,ଗାନ୍ଧୀ ଜୟନ୍ତୀ,ଫକୀରମୋହନଙ୍କ ଜୟନ୍ତୀ,ଗଙ୍ଗାଧର ମେହେରଙ୍କ ଜୟନ୍ତୀ,ଓଡ଼ିଆ ନବବର୍ଷ ପାଳନ,ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଜୟନ୍ତୀ ଉତ୍ସବ,ସ୍ୱାଧୀନତା ଦିବସ,ସାଧାରଣତନ୍ତ୍ର ଦିବସ ଇତ୍ୟାଦି ପାଳନ କରି ଜାତୀୟ ଚେତନା ଉଦ୍ରେକ କରିବା ସହ ପୂର୍ବସୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥାଏ। ଏତଦ୍ ବ୍ୟତୀତ ଅନୁଷ୍ଠାନ ସଭାସମିତି ଆୟୋଜନ ସହଏବଂ ବାର୍ଷିକଉତ୍ସବ ପାଳନ କରିଥାଏ।ଏହି ଅନୁଷ୍ଠାନ ତରଫରୁ ବହୁ ସାହିତ୍ୟିକଙ୍କୁ ସୃଷ୍ଟି କରାଯାଇଅଛି ସେମାନେ ହେଲେ :- ଲଳିତ ମୋହନ ସାହୁ,ଲୋକନାଥ ବେହେରା,ରାମଚନ୍ଦ୍ର ମହାପାତ୍ର,ରାମଚନ୍ଦ୍ର ପ୍ରଧାନ,ପ୍ରଫୁଲ୍ଲ କୁମାର ମହାପାତ୍ର ଇତ୍ୟାଦି।ଏହି ଅନୁଷ୍ଠାନର ସମ୍ପାଦକଙ୍କ ପୁସ୍ତକ ପ୍ରକାଶନର ଅପେକ୍ଷାରେ ରହିଅଛି ତନ୍ମରେ ସେ ମହାପୁରୁଷଙ୍କ ଜୀବନକୁ କବିତା ଆକାରରେ ସ୍ଥାନ ଦେଇଛନ୍ତି।ଭାରତର ପ୍ରାୟ ୨୦୦ ଜଣଙ୍କ ଜୀବନକୁ ନେଇ ସେ ଭାରତ ଗୌରବ ଏବଂ ଓଡ଼ିଶାର ୩୦୦ ଜଣଙ୍କୁ ନେଇ ଓଡ଼ିଶା ସୌରଭ ନାମରେ ପୁସ୍ତକ ଲେଖୁଛନ୍ତି।ଯାହା ପ୍ରକାଶିତ ପରେ ଅନେକ ପାଠକଙ୍କ ଶ୍ରଦ୍ଧା ଲାଭ କରିବ ବୋଲି ସେ ଆଶାପୋଷଣ କରିଛନ୍ତି।ଏହିପରି ଭାବେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏହି ଅନୁଷ୍ଠାନ ବାମଣ୍ଡାର ସଂସ୍କୃତିକୁ ବଜାୟ ରଖିବା ନିମନ୍ତେ ନିଜର ଆ*ଳିକ

ସ୍ତରରେ ଚେଷ୍ଟା ଜାରି ରଖିଛି ।ସେହିପରି ଭାବେ ଦେବଗଡ଼ର ଅନ୍ୟ ଏକ ସାରସ୍ୱତ ଅନୁଷ୍ଠାନ ହେଉଛି ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ।ଏହି ଅନୁଷ୍ଠାନ ନିଜସ୍ୱ ଗୃହ ନଥିବାରୁ ଏହା ଦେବଗଡର ଟାଉନ କ୍ଲବ ଠାରେ ନିଜର କାର୍ଯ୍ୟକ୍ରମ କରିଥାଏ ।ଏହାର ପଞ୍ଜୀକରଣ ସଂଖ୍ୟା ହେଉଛି ୫ଈଖ୧୪୯୧-୨୧୨ କ୍ଲବ ୧୯୮୭-୮୮ । ଏହି ସଂସଦର ସାହିତ୍ୟର ବିଭିନ୍ନ ବିଭାଗ ଯଥା :-କାବ୍ୟ,କବିତା,ଲୋକକଥା ଓ ପ୍ରବନ୍ଧ ଇତ୍ୟାଦି ବିଭାଗରେ ବିଶେଷ ଅବଦାନ ରଖିଅଛି ।ଆଧୁନିକ ଯୁବପିଢ଼ୀଙ୍କୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିବା ନିମନ୍ତେ ନୃତ୍ୟ,,ବକ୍ତୃତା,,କବିତା ଆବୃତ୍ତି,,ହସ୍ତାକ୍ଷର ଚିତ୍ରାଙ୍କନ ପ୍ରତିଯୋଗିତା ପ୍ରତିବର୍ଷ କରିଥାଏ ତତ୍ ସହିତ ଏହି କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଦିଆଯାଇଥାଏ ।ପ୍ରତିବର୍ଷ ଏହି ସଂସଦ ତାର ମୁଖପତ୍ର 'ପଦରେଣୁ' ନାମରେ ଏକ ପତ୍ରିକା ବାର୍ଷିକ ଉତ୍ସବ ପାଳନ ଅବସରରେ ପ୍ରକାଶ କରୁଅଛି ।ସାହିତ୍ୟର ପରମ୍ପରାକୁ ତଥା ଅତୀତର ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏହି ସଂସଦ ତାର ମୁଖ୍ୟ ଲକ୍ଷ୍ୟ ରଖିଛି ।ସାହିତ୍ୟ କ୍ଷେତ୍ରରେ ସଫଳତା ହସାଲକାରୀ ମାନଙ୍କୁ ସମ୍ମାନ ଦେବା ସହ ସାମାଜିକ କର୍ମୀ,ସଫଳ କୃଷକ,ସ୍ୱାସ୍ଥ୍ୟ କର୍ମୀ,ଡାକ୍ତର,ଚିକିତ୍ସକ,ତଥା ଅବସର ପ୍ରାପ୍ତ ସଫଳ ଶିକ୍ଷକଙ୍କୁ ପ୍ରାଥମିକ ସ୍ତରରେ ସମ୍ମାନିତ ଏହି ସଂସଦ କରୁଅଛି ।ଅଧୁନା ଏହାର ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଓ ସଭାପତି ଭାରତଭୂଷଣ ନନ୍ଦ ।ନିୟମିତ ପୋଗ୍ରମ୍ ମ୍ଭରେ ଶିକ୍ଷକ ଦିବସ,ନୂଆଖାଇ ଭେଟଘାଟ , ରାକ୍ଷୀବନ୍ଧନ,ବାର୍ଷିକ ଉତ୍ସବ, ସାର୍ ବାସୁଦେବ ସୁଢ଼ଳ ଦେବ ଜୟନ୍ତୀ,ଶାରଦୀୟ କବିତା ଉତ୍ସବ,ଗ୍ରୀଷ୍ମ,ବର୍ଷ,ଶୀତ କବିତା ପାଠ ଉତ୍ସବ ଇତ୍ୟାଦି ଆୟୋଜନ କରାଯାଏ ।ବିଭିନ୍ନ ସଭା ସମିତିର ଆୟୋଜନ ମଧ କରାଯାଏ :- ଯେପରି ନୂଆବର୍ଷ ଉପଲକ୍ଷେ ସଭାସମିତି,ପଣ୍ଡିତ ମଧୁସୂଦନ ଗୁରୁ ବକ୍ତୃତା ମାଳା ସଭା,ସ୍ୱାଗତ ସଭା,ଶୋକ ସଭା ଇତ୍ୟାଦି ପାଳନ କରାଯାଏ ।ଏହି ସଂସଦ ତରଫରୁ କବି ଓ ଲେଖକ ମାନଙ୍କୁ ପୁରସ୍କାର ଦିଆଯାଏ ।ସେଗୁଡିକ ହେଉଛି ' ବାମଣ୍ଡା ରତ୍ନ ',ବାମଣ୍ଡା ଶ୍ରୀ ',ସମାଜ ସେବା (୨ଜଣ),ଗୁରୁଦିବସରେ ଆଦର୍ଶ ଶିକ୍ଷକ ସମ୍ମାନ(୨), ସୁସାହିତ୍ୟିକ ସମ୍ମାନ (୩),ଯୁବ ପ୍ରତିଭା ସମ୍ମାନ,ଶ୍ରେଷ୍ଠ ଆଇନଜୀବୀ ସମ୍ମାନ,ସ୍ୱଚ୍ଛ ପରିବେଶ,ଆଦର୍ଶ କ୍ରୀଡା,ଆଦର୍ଶ,ଗୃହିଣୀ,ଆଦର୍ଶ କବିରାଜ,ରାଜା ବାସୁଦେବ ସୁଢ଼ଳଦେବ ହାଇସ୍କୁଲରେ ପ୍ରତିବର୍ଷ ବାସୁଦେବ ସୁଢ଼ଳ ଦେବ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨ଜଣ ଛାତ୍ରଙ୍କୁ ସମ୍ମାନିତ କରାଯାଏ। ଦେବଗଡରେ ଯେଉଁ ବ୍ୟକ୍ତି ସବୁ କ୍ଷେତ୍ରରେ ନିଜର ସାରସ୍ୱତ ପାରିଦର୍ଶିତା ଦର୍ଶାଇଥାଏ ତାଙ୍କୁ ବାମଣ୍ଡା ରତ୍ନ ସମ୍ମାନ ଦିଆଯାଇଥାଏ। ମାତ୍ର :କେବଳ ସାହିତ୍ୟ କ୍ଷେତ୍ରରେ ପାରିଦର୍ଶିତା ଦେଖାଇଥାନ୍ତି ତାଙ୍କୁ ବାମଣ୍ଡା ଶ୍ରୀ ସମ୍ମାନ ଦିଆଯାଇଥାଏ ।ଯେଉଁ ବର୍ଷ ବାମଣ୍ଡା ରତ୍ନ ନିମନ୍ତେ ଉପଯୁକ୍ତ ପ୍ରତିଭା ଅଭାବ ରହିଯାଏ ସେତେବେଳେ କେବଳ ବାମଣ୍ଡା ଶ୍ରୀ ପୁରସ୍କାର ଦିଆଯାଇଥାଏ ।୨୦୧୩ ମସିହାରୁ ଏହି ସଂସଦ ଏହି ସୁଢ଼ଳ ଦେବ ବିଦ୍ୟାଳୟରେ ସର୍ବୋଚ୍ଚ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କୁ ୩୦୦୦ଏବଂ ୨୦୦୦ ଅର୍ଥ ରାଶି ପୁରସ୍କାର ଦେବା ସହ ମାନପତ୍ର ଦିଆଯାଇଥାଏ। ଏହି ଟଙ୍କା ଦେବବ୍ରତ କରଙ୍କ ନାମରେ ପ୍ରଦାନ କରାଯାଇଥାଏ ସେ ଏହି ବାମଣ୍ଡାର ହାଇସ୍କୁଲର ଛାତ୍ର ଥିଲେ ।ମାତ୍ର ସେ ନବମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା ।ପିତା ହରେକୃଷ୍ଣ କର ତାଙ୍କ ପୁତ୍ରର ମୃତ୍ୟୁ ପରେ ଏହି ଅନୁଷ୍ଠାନକୁ ୧୦୦୦୦୦ ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ ।ଏହି ଅର୍ଥରାଶିରୁ ବାର୍ଷିକ ବ୍ୟାଙ୍କରୁ ଯେଉଁ ସୁଧ ଆସିଥାଏ ତାର ୬୦ ପ୍ରତିଶତ ଛାତ୍ରମାନଙ୍କୁ ପୁରସ୍କାର ସ୍ୱରୂପ ଦିଆଯାଇଥାଏ।

ସେହିପରି ଅନ୍ୟ ଏକ ସାହିତ୍ୟ ଅନୁଷ୍ଠାନ ହେଉଛି ସ୍ମୃତିରେଖା ସାହିତ୍ୟ ସଂସଦ ।ଯାହା ଦେବଗଡ ଜିଲ୍ଲାର ତିଲେଇବଣି ବ୍ଲକର କୋରଡ ଗ୍ରାମରେ ଅବସ୍ଥିତ ।ଏହାର ପଞ୍ଜୀକରଣ ସଂଖ୍ୟା ୧୫/ ୨୦୧୭ ।ସାହିତ୍ୟ ଓ ସଂସ୍କୃତିର ବିକାଶ ସହ ସାମାଜିକ ସଚେତନତା,ପରିବେଶ ସୁରକ୍ଷା, ବୃକ୍ଷରୋପଣ,ଅସହାୟ ଦଳିତ ଲୋକଙ୍କୁ ସାହାର୍ଯ୍ୟ,ସାମାଜିକ କ୍ଷତି ବିରୋଧରେ ଜନଜାଗରଣ ଇତ୍ୟାଦି କାର୍ଯ୍ୟ କରିଥାଏ ।ଏହି ସଂସଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ଓଡ଼ିଆ ଭାଷା ସୁରକ୍ଷା ଓ ଅଭିବୃଦ୍ଧି ଦିଗରେ ଧ୍ୟାନ ଦେବା,ନୂତନ ଲେଖକ ଲେଖିକା ସୃଷ୍ଟି କରିବା,ପାଠକ ପାଠିକାଙ୍କୁ ଉତ୍ସାହିତ କରିବା,ସଭାସମିତି ମାଧ୍ୟମରେ ସାହିତ୍ୟିକ ବାର୍ତ୍ତା ଦେବା,ପୁରାତନ ସ୍ମୃତି ଓ ପରମ୍ପରାକୁ ସଂରକ୍ଷଣ କରିବା,ନୂତନ ପୁସ୍ତକ,ପତ୍ରିକା,ପ୍ରସ୍ତୁତି ପ୍ରକାଶନ କରିବା,ଯଥାସମ୍ଭବ ଓଡ଼ିଆ ଭାଷା ସାହିତ୍ୟ ଉପରେ ଗବେଷଣା କରିବା,ଦେବଗଡ ଜିଲ୍ଲାର ସାହିତ୍ୟିକ ମାନଙ୍କ ପୃଷ୍ଟପୋଷକତା କରିବା, ପର୍ଯ୍ୟାୟକ୍ରମେ କବି ମାନଙ୍କୁ ପୁରସ୍କୃତ କରିବା,ଉକ୍ତ ସଂସ୍ଥା ମାଧ୍ୟମରେ ପାଠାଗାର ଖୋଲିବା ନିମନ୍ତେ ଚେଷ୍ଟା କରିବା ।ଏହିସବୁ ଲକ୍ଷ୍ୟ ସାଧନା ଓ କାର୍ଯ୍ୟର ସୁପରିଚାଳନା ନିମନ୍ତେ ନାରାୟଣ ନାୟକଙ୍କୁ ସଭାପତି ,ଅତୁଲ୍ୟ ଦେଇ ଙ୍କୁ ଉପ ସଭାପତି, ଫକୀର ମୋହନ ଦେହୁରୀ ଙ୍କୁ ସମ୍ପାଦକ, ଚଞ୍ଚଳା ପ୍ରଧାନଙ୍କୁ ସହ ସମ୍ପାଦିକା , ପ୍ରଣତୀ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ,ଭାତୃକୁମାର ପ୍ରଫୁଲ୍ଲ ଓ ଲୋକନାଥ ବେହେରାଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି କରାଯାଇଅଛି ।ଏହି ଅନୁଷ୍ଠାନକୁ ଗଠନ କରିବା ନିମନ୍ତେ ଏକ ସାଧାରଣ ପରିଷଦ ଗଠନ କରାଯାଇଅଛି ।ତନ୍ମଧ୍ୟରେ ୩୩ ଜଣ ସଦସ୍ୟଙ୍କୁ ରଖାଯାଇଛି ।ଏହି ସଂସଦ ତରଫରୁ ଏକ ପତ୍ରିକା ପ୍ରକାଶ ପାଇଅଛି ତାହାର ନାମ ହେଉଛି ସ୍ମୃତିରେଖା । ପ୍ରାୟତଃ ୯ ଖଣ୍ଡରୁ ଉର୍ଦ୍ଧ୍ୱ ପତ୍ରିକା ପ୍ରକାଶିତ ହୋଇଅଛି ।ତନ୍ମରେ ଗଳ୍ପ, କବିତା, ପ୍ରବନ୍ଧ, ଇତ୍ୟାଦି ସ୍ଥାନ ଦିଆଯାଇଥାଏ ।ଏହି ଅନୁଷ୍ଠାନ ତରଫରୁ ବହୁ

ସମ୍ମାନ ଦିଆଯାଏ ଯଥା : ବାସୁଦେବ ସୁଢ଼ଳ ଦେବଙ୍କ ସ୍ମୃତିରେ ' ବୁଧହଂସ କେଳିସର' ସମ୍ମାନ, ରାଜ କବି ସଚ୍ଚିଦାନନ୍ଦଙ୍କ ସ୍ମୃତିରେ ' ବିଜ୍ଞାନ ବିନୋଦ ' ସମ୍ମାନ, ନାରୀକବି ସୁଲୋଚନା ଦେବୀଙ୍କ ସ୍ମୃତିରେ 'ବାଳିକା ବନ୍ଧୁ ' ସମ୍ମାନ ,ଆଦର୍ଶ ଶିକ୍ଷକ ରସାନନ୍ଦ ପ୍ରଧାନଙ୍କ ସ୍ମୃତିରେ ' ଗୁରୁ ଗୌରବ ' ସମ୍ମାନ,ପରିବେଶ ସୁରକ୍ଷାରେ ଆକୁଣ୍ଠ ଉଦ୍ୟମ ନିମନ୍ତେ 'ପରିବେଶବିତ୍ ' ସମ୍ମାନ,ଓଡ଼ିଶାର ପ୍ରାଚୀନ କଳା,ସଂସ୍କୃତି,ସ୍ମୃତିରେ ନାଟ୍ୟଭୂଷଣ, ବାମଣ୍ଡା ଗାୟକ ରତ୍ନ, ଆକାଶବାଣୀ ସାରଙ୍ଗୀ ଗୀତିକାର ସମ୍ମାନ,ଇତ୍ୟାଦି ଦିଆଯାଇଥାଏ ।ଏହି ସଂସଦ ତରଫରୁ ବହୁତ ପୁସ୍ତକ ପ୍ରକାଶ ପାଇଅଛି ।ସେଗୁଡିକ ହେଉଛି ୨୦୧୫ ମସିହାରେ ' ସୁରଭି ' ,'ଭାରତ ଦର୍ଶନ', ୨୦୧୬ ରେ ' ସଂକଳ୍ପ ',' ଆକସ୍ମିକ ', ୨୦୧୭ ମସିହାରେ ' ବଣ ପରାଣ ମିତ ',' ଗୀତରେ ଗୀତରେ ରୂଢ଼ି ', ୨୦୧୮ ମସିହାରେ ' ତ୍ରିରତ୍ନ ', ୨୦୨୦ ମସିହାରେ ' ସଜଫୁଲ ', ୨୦୨୧ ମସିହାରେ ' ଅଜା ଆଇ ଙ୍କୁ କରୋନା ଡର ', ୨୦୨୨ ମସିହାରେ ' ଶ୍ରଦ୍ଧାଞ୍ଜଳି '୨୦୨୩ ମସିହାରେ ' ମୋ ଗାଁ ମୋ ମାଟି ମାଆ ', ୨୦୨୪ ମସିହାରେ ବିଶିଷ୍ଟ ଦିବସ,ସେହିପରି ଖଗେଶ୍ୱର ଦେହୁରୀଙ୍କ ପ୍ରତିବିମ୍ବ, ପ୍ରଭାତ କୁମାର ବିଶ୍ୱାଳଙ୍କ ବର୍ଷାରାଣୀ, ପିତାମ୍ବର ବିଶ୍ୱାଳଙ୍କ କବିତା ମାଳା,ବସନ୍ତ କୁମାର ରାଜଙ୍କ ଆତ୍ମନିବେଦନ, ଅବନିକାନ୍ତ ପାଣିଙ୍କ ଉଟଜ ବାସିନୀ,ପ୍ରତାପ କୁମାର ଦ୍ୱିବେଦୀଙ୍କ ପିଲାଙ୍କ ପଶୁପକ୍ଷୀ କାହାଣୀ,ନାରାୟଣ ନାୟକଙ୍କ ସଂସ୍କାର ସାର, ସୁନୀଲ କୁମାର ସାହୁଙ୍କ ଭକ୍ତିର ଅର୍ଘ୍ୟ ଇତ୍ୟାଦି ପ୍ରକାଶିତ ହୋଇଥିଲା ।ସେହିପରି ଏହି ଅନୁଷ୍ଠାନର ସମ୍ପାଦକଙ୍କ କଲମରୁ ସୃଷ୍ଟି ଗୁଡ଼ିକ ହେଉଛି:ପୁଷ୍ପାଞ୍ଜଳି,ଆମେ ଓ ଆମ ଶିକ୍ଷା,ପରିବେଶ,ନିନାଦ,ପ୍ରତିବିମ୍ବ, ରାଜକବି,ସୁରଭି,ଭାରତ ଦର୍ଶନ ଇତ୍ୟାଦି ପ୍ରକାଶ ପାଇଛି । ୨୦୨୪ ମସିହାରେ ଏହି ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ପ୍ରତିଭା ମାନେ ହେଉଛନ୍ତି କୁମାର ବାବୁଲି,ବାଫୁଲାଲ ପଲେଇ,ସୁଭାଷ ଚନ୍ଦ୍ର ନାୟକ ଇତ୍ୟାଦି ।ଏହି ଅନୁଷ୍ଠାନର ପ୍ରମୁଖ ଉପଲବ୍ଧି କହିଲେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରୟାସ କରିଅଛି । ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ ହେଉଛି ନବଦିଗନ୍ତ ସାହିତ୍ୟ ସଂସଦ ।ଏହା ଦେବଗଡ ଜିଲ୍ଲାର ରିଆମାଳ ବ୍ଲକରେ ଅବସ୍ଥିତ ।ଏହା ଏକ ପଞ୍ଜିକୃତ ଅନୁଷ୍ଠାନ ।ଏହାର ପଞ୍ଜିକରଣ ସଂଖ୍ୟା ହେଉଛି ୭/୧୪ ।ଅଧୁନା ଏହାର ସମ୍ପାଦକ ଗୋଲବଦନ ବିଶ୍ୱାଳ ଓ ସଭାପତି ଜଳନ୍ଧର ଦାସ ।ଏହି ଅନୁଷ୍ଠାନ ତରଫରୁ ମୁଖପତ୍ର ଆହ୍ୱାନ ନାମକ ଏକ ପତ୍ରିକା ପ୍ରକାଶିତ ହେଉଅଛି ।ଏହି ପତ୍ରିକାରେ ଗଦ୍ୟ, ପଦ୍ୟ,ଗଳ୍ପ,ଅନୁବାଦ,ଇତ୍ୟାଦି ଉପରେ ଲେଖା ପ୍ରକାଶ ପାଇଥାଏ ।ସାହିତ୍ୟ ବ୍ୟତୀତ ବୃକ୍ଷରୋପଣ,ରକ୍ତଦାନ ଶିବିର,ସ୍ୱଚ୍ଛ ଭାରତ ଅଭିଯାନ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଏ ।ଏହି ସବୁ ପୋଗ୍ରମ କରାଯାଇ ସମାଜ ସଚେତନତା ସୃଷ୍ଟି କରାଯାଏ । ବର୍ଷା,ବିଷୁବ ଓ ବସନ୍ତ ଆସର ଏହା ଆୟୋଜନ କରିଥାଏ ।ଏତଦ୍ ବ୍ୟତୀତ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥାଏ ।ଏହି ଅନୁଷ୍ଠାନ ତରଫରୁ ବହୁ ପୁସ୍ତକ ପ୍ରକାଶିତ ହୋଇଅଛି ଯଥା:- ଓଡ଼ିଆ ସାହିତ୍ୟ ତତ୍ତ୍ୱ ଓ ତଥ୍ୟ, ପଦ୍ୟ ମାଧୁରୀ,କବିତା ମଞ୍ଜରୀ,ରଙ୍ଗ ନମ୍ବର, କମ୍ବୁ କଟକ,ଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ ଇତ୍ୟାଦି ।ଏହି ଅନୁଷ୍ଠାନ ତରଫରୁ ବିଭିନ୍ନ ସମ୍ମାନ ପ୍ରଦାନ କରାଯାଏ ଯଥା:- କବିତା ସମ୍ମାନ,ଗଳ୍ପ ସମ୍ମାନ,ଶିଶୁ ସାହିତ୍ୟ ସମ୍ମାନ,ପ୍ରବନ୍ଧ ସମ୍ମାନ,ଶ୍ରେଷ୍ଠ ଶିକ୍ଷକ ସମ୍ମାନ,ନାଗରିକ ସମ୍ମାନ ଇତ୍ୟାଦି ।ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ ଗ୍ରାମାଞ୍ଚଳରେ ଥିବା ଅନବିଷ୍କୃତ ପ୍ରତିଭା ମାନଙ୍କୁ ସାହିତ୍ୟର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହାର ମୁଖ୍ୟ ଲକ୍ଷ୍ୟ ।ଏହି ଅନୁଷ୍ଠାନ ମଧ ବହୁ ବଣମଲ୍ଲୀ ମାନଙ୍କୁ ସାହିତ୍ୟ ଜଗତକୁ ଆଣିଅଛି ।ସେହିପରି ଆଉ ଏକ ଅନୁଷ୍ଠାନ ହେଉଛି ଓମ ଶ୍ରୀ ସାହିତ୍ୟ ସଂସଦ ।ଏହା ଦେବଗଡ ଜିଲ୍ଲାର ବାରକୋଟ ବ୍ଲକରେ ଅବସ୍ଥିତ ଏହାର ସମ୍ପାଦକ ରମାକାନ୍ତ ପ୍ରଧାନ ଓ ସଭାପତି ଲୋକନାଥ ବେହେରା ।ଏହି ଅନୁଷ୍ଠାନ ଦେବଗଡ ଜିଲ୍ଲାର ବାରକୋଟ ବ୍ଲକରେ ଅବସ୍ଥିତ ।ଅନ୍ୟ ଦୁଇଟି ଅନୁଷ୍ଠାନ ହେଉଛି ଭାଇ ଭଉଣୀ ସାହିତ୍ୟ ସଂସଦ,ଓ ନବଜୀବନ ସାହିତ୍ୟ ସଂସଦ ।ପ୍ରଥମ ସଂସଦର ସଭାପତି ଧରଣୀଧର ପ୍ରଧାନ ଥିଲେ ମାତ୍ର ତାଙ୍କ ମୃତ୍ୟୁ ପରେ ଏହି ଅନୁଷ୍ଠାନର ମୃତ୍ୟୁ ଘଟିଛି । ୧୯୯୨ ମସିହାରୁ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ଅନେକ କାର୍ଯ୍ୟ କରିଅଛି ।ପରବର୍ତ୍ତୀ ଅନୁଷ୍ଠାନ ଜଣେ ଆରମ୍ଭ କରିଥିଲେ ମଧ ଠିକ୍ ସେହିପରି ତାଙ୍କ ପରେ ସେହି ଅନୁଷ୍ଠାନର ମୃତ୍ୟୁ ଘଟିଅଛି ।

**ଉପସଂହାର :**

ପରିମାଣ ଦୃଷ୍ଟିରୁ ଦେବଗଡ଼ରେ ସାହିତ୍ୟ ଅନୁଷ୍ଠାନର ସଂଖ୍ୟା କମ୍ ହେଲେ ମଧ ଗୁଣାତ୍ମକ ଦୃଷ୍ଟିରୁ ଏହାର ଅବଦାନ ଅତୁଳନୀୟ । ଦେବଗଡ ଜିଲ୍ଲାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଢିଉଠିଥିବା ଅନୁଷ୍ଠାନ ନିଜ ନିଜ ଆଞ୍ଚଳିକ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟ ଉନ୍ନତି ନିମନ୍ତେ ଚେଷ୍ଟା ଅଦ୍ୟାବଧି ଜାରି ରଖିଛନ୍ତି ।ସାହିତ୍ୟ ଓ ଅନୁଷ୍ଠାନ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଦେବଗଡର ସାହିତ୍ୟ ଅନୁଷ୍ଠାନ କଥା ଆଲୋଚନା ପରିସରକୁ ଆଣିବା ବେଳେ ଜଣାପଡେ ସେଠାରେ କିପରି ଅନୁଷ୍ଠାନ ଗୁଡ଼ିକ ନିଜ ନିଜ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ପ୍ରୟାସ କରୁଛନ୍ତି । ଯେଉଁ ସ୍ଥାନରେ ଭାଷା ହୁଏ ଉନ୍ନତ ସେ ସ୍ଥାନ ସେତେ ପ୍ରଗତିଶୀଳ । ବାମଣ୍ଡା ଦରବାରରେ ସୁଢ଼ଳ ଦେବ ,ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ଯେଉଁ ପ୍ରଚେଷ୍ଟା କରିଛନ୍ତି ତାର ପ୍ରଭାବ କେବଳ ବାମଣ୍ଡା ଉପରେ ନୁହେଁ ସମଗ୍ର ଓଡ଼ିଶା ଉପରେ ପଡ଼ିଅଛି । ବାମଣ୍ଡାରେ ସେ ଦରବାର ବସାଇ ଓଡ଼ିଆ ଭାଷା ସାହିତ୍ୟ

ଉନ୍ନତି ତଥା ଭାଷା ବିଲୋପ ଆନ୍ଦୋଳନ ସମୟରେ ଓଡ଼ିଆ ଭାଷା ନିମନ୍ତେ ମୁଖ୍ୟ କର୍ଣ୍ଣଧାରା ସାଜିଥିଲେ ତାହା ଓଡ଼ିଶା ଇତିହାସରେ ଚିରସ୍ମରଣୀୟ।ଏହାକୁ ଭିତ୍ତିରେ ରଖି ସ୍ୱାଧିନତ ପରବର୍ତ୍ତୀ ସମୟରେ ଦେବଗଡ ଜିଲ୍ଲାରେ ବହୁ ଅନୁଷ୍ଠାନ ଯଥା:- ପତିତପାବନ ସାହିତ୍ୟ ସଂସଦ, ଓମ ଶ୍ରୀ ସାହିତ୍ୟ ସଂସଦ, ରାଧାକୃଷ୍ଣ ସାହିତ୍ୟ ସଂସଦ, ନବଦିଗନ୍ତ ସାହିତ୍ୟ ସଂସଦ, ବାମଣ୍ଡା ସାହିତ୍ୟ ସଂସଦ, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ, ଭାଇ ଭଉଣୀ ସାହିତ୍ୟ ସାଂସଦ,ନବଜୀବନ ସାହିତ୍ୟ ସଂସଦ, ଇତ୍ୟାଦି ଗଢ଼ିଉଠି କେବଳ ଦେବଗଡ ଜିଲ୍ଲାରେ ନୁହେଁ ସମଗ୍ର ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରି ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ କାର୍ଯ୍ୟ କରୁଅଛି। ବାସ୍ତବିକ୍ ଓଡ଼ିଆ ଭାଷା ସାହିତ୍ୟକୁ ଉପରୋକ୍ତ ସାହିତ୍ୟିକ ଅନୁଷ୍ଠାନର ଭୂମିକା ଆଲୋଚ୍ୟଯୋଗ୍ୟ।

**ସହାୟକ ଗ୍ରନ୍ଥସୂଚୀ:**


୧. କର, ବାଳକୃଷ୍ଣ। ବାମଣ୍ଡା ଇତିହାସ, ସୁଖଦୁଃଖ ପବ୍ଲିକେଶନ, ସମ୍ବଲପୁର, ପ୍ରଥମ ସଂସ୍କରଣ,୨୦୦୬।

୨. ନନ୍ଦ, ଫଣୀନ୍ଦ୍ରଭୂଷଣ।ବାସୁଦେବ ଗ୍ରନ୍ଥାବଳୀ, ପ୍ରଗତି ଉତ୍କଳ ସଂଘ, ରାଉରକେଲା, ପ୍ରଥମ ପ୍ରକାଶ ୨୦୦୩

୩. ସାମନ୍ତରାୟ, ନଟବର। ଓଡ଼ିଆ ସାହିତ୍ୟର ଇତିହାସ, ଲାବଣ୍ୟ ଭବନ, ଭୁବନେଶ୍ୱର-୨, ପ୍ରଥମ ପ୍ରକାଶ,୧୯୬୪


❖ ❖ ❖